1956

ନଭେମ୍ବର 29

# ମହମ୍ମଦ ଘୌସ୍

ବନାମ

# ଆନ୍ଧ୍ର ରାଜ୍ୟ

[ପ୍ରଧାନ ନ୍ୟାୟାଧୀଶ ଏସ୍. ଆର୍. ଦାସ, ଭଗବତୀ, ଭେଙ୍କଟରାମ ଆୟାର, ବି. ପି. ସିହ୍ନା ଏବଂ ଏସ୍. କେ. ଦାସ, ନ୍ୟାୟମୂର୍ତ୍ତିବୃନ୍ଦ]

*ସରକାରୀ କର୍ମଚାରୀ-ନ୍ୟାୟିକ ଅଧିକାରୀ-ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅଭିଯୋଗଗୁଡିକର ର ତଦନ୍ତ -ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର - ସରକାରଙ୍କ ଦ୍ଵାରା ନିଲମ୍ବନ ଆଦେଶ ବିଚାରଧିନ ଚୂଡ଼ାନ୍ତ ଆଦେଶ-ଉଚ୍ଚ ନ୍ୟାୟାଳୟର କ୍ଷମତା-ଭାରତର ସମ୍ବିଧାନ, ଅନୁଚ୍ଛେଦ 311,-ମାଡ୍ରାସ ନାଗରିକ ସେବା (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ ) ନିୟମାବଳୀ, ନିୟମ 13, 17 (e)-ମାଡ୍ରାସ ନାଗରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମ, 1948-ଆନ୍ଧ୍ର ନାଗରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମାବଳୀ, 1953, ନିୟମ 4 (1) (a) ।*

ଆବେଦନକାରୀ ମସୁଲିପଟମ ଏବଂ ଅମଲାପୁରମରେ ଅଧୀନସ୍ଥ ବିଚାରପତି ଭାବରେ ପ୍ରାସଙ୍ଗିକ ତାରିଖରେ ନିଯୁକ୍ତ ହୋଇଥିଲେ । ତାଙ୍କ ବିରୋଧରେ ଲାଞ୍ଚ ଏବଂ ସରକାରୀ କର୍ତ୍ତବ୍ୟଗୁଡିକୁ ନିର୍ବାହ କରିବାରେ ଗୁରୁତର ଅନିୟମିତତାର ଅଭିଯୋଗ କରାଯାଇଥିଲା ଏବଂ ମାଡ୍ରାସ ଉଚ୍ଚନ୍ୟାୟାଳୟର ଜଣେ ବିଚାରପତିଙ୍କ ଦ୍ଵାରା ସେଗୁଡ଼ିକର ତଦନ୍ତ କରାଯାଇଥିଲା, ଯିଏକି ଅଗଷ୍ଟ 20,1953 ଏବଂ ନଭେମ୍ବର 10,1953 ରେ ତାଙ୍କ ଲିଖିତ ବିବରଣୀ ପଠାଇଥିଲେ । ଏହି ବିବୃତି ଆଧାରରେ 1954 ମସିହା ଜାନୁଆରୀ 25 ତାରିଖରେ ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ନେଇଥିଲେ ଯେ ଆବେଦନକାରୀଙ୍କୁ ଲାଞ୍ଚ ଅଭିଯୋଗରେ ଚାକିରିରୁ ବରଖାସ୍ତ କରାଯିବା ଉଚିତ ଏବଂ ଅନିୟମିତତା ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯିବା ଉଚିତ ଏବଂ 1954 ମସିହା ଜାନୁଆରୀ 28 ତାରିଖରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ନିଲମ୍ବନ କରାଯାଇଥିଲା । ଆବେଦନକାରୀ ନିଲମ୍ବନ ଆଦେଶ ରଦ୍ଦ କରିବା ପାଇଁ ଭାରତୀୟ ସମ୍ବିଧାନର ଧାରା 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟରେ ଦ୍ଵାରସ୍ଥ ହୋଇଥିଲେ, ଏହି ଆଧାରରେ ଯେ ଆନ୍ଧ୍ର ନାଗରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) 1953ର ନିୟମ, ନିୟମ 4(1 ) (a) ଅନୁଯାୟୀ, ଜଣେ ସରକାରୀ କର୍ମଚାରୀ 150 ଟଙ୍କା ଏବଂ ଅଧିକ ପାଉଥିଲେ, ତାଙ୍କ ଆଚରଣ ବିଷୟରେ ସରକାରଙ୍କ ଦ୍ଵାରା

ନିଯୁକ୍ତ ହୋଇଥିବା ଗୋଟିଏ ନ୍ୟାୟାଧିକରଣ ଦ୍ୱାରା ତଦନ୍ତ କରାଯିବ । ଏବଂ ଯେହେତୁ ଏହି ନିୟମ ଅକ୍ଟୋବର 1,1953 ରୁ କାର୍ଯ୍ୟକାରୀ ହେଲା, ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଜାନୁଆରୀ 28,1954 ର ଆଦେଶ ଅଧିକାରିତା କ୍ଷେତ୍ର ବାହାରେ ଥିଲା, ଏବଂ (2) ଏହି ଆଦେଶ ଭାରତୀୟ ସମ୍ବିଧାନର ଧାରା 311 ର ବିରୁଦ୍ଧ ଥିଲା । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରି ରାୟ ବିରୋଧରେ ଆବେଦନ କରିଥିଲେ ।

ନିର୍ଣ୍ଣୟ ହୋଇଥିଲା ଯେ:(1), ଆନ୍ଧ୍ର ନାଗରିକ ସେବା (ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମାବଳୀ, 1953 ର ନିୟମ 4 ର ସଂଶୋଧନକୁ ଦୃଷ୍ଟିରେ ରଖି, ଏପ୍ରିଲ୍ 11,1955 ରେ, ନ୍ୟାୟିକ ଅଧିକାରୀଙ୍କ ଆଚରଣ ସମ୍ବନ୍ଧୀୟ ତଦନ୍ତ ସମ୍ବନ୍ଧରେ ନ୍ୟାୟାଧିକରଣର ଅଧିକାରିତାକୁ ପିଛିଲା ପ୍ରଭାବ ସହିତ ବାଦ ଦେଇ, ଜାନୁଆରୀ 28,1954 ମସିହାରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଆଦେଶ ବିରୋଧ କରିବାକୁ ଉନ୍ମୁକ୍ତ ନଥିଲା ।

(2) ଯେ ଗୋଟିଏ ନିଲମ୍ବନ ଆଦେଶ ବିଚାରାଧୀନ ଚୂଡ଼ାନ୍ତ ଆଦେଶ ସମ୍ବିଧାନର ଅନୁଚ୍ଛେଦ 311 ଅନୁଯାୟୀ ଖାରଜ ହୋଇନଥିବା କି ସେବାରୁ  ଅପସାରିତ ହୋଇନଥିବା ଅଟେ  ।

(3) ମାଡ୍ରାସ ନାଗରିକ ସେବା (ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ) ନିୟମାବଳୀ 13 ଅନୁଯାୟୀ, ରାଜ୍ୟ ନ୍ୟାୟିକ ସେବାର ସଦସ୍ୟମାନଙ୍କ ବିରୋଧରେ ନିୟମ 17 (e) ଅନୁଯାୟୀ ଗୁରୁତର ଅଭିଯୋଗର ତଦନ୍ତ ବିଚାରାଧୀନ ଅବସ୍ଥାରେ ନିଲମ୍ବନ ଲାଗୁ କରିବାର କ୍ଷମତା ଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 133/1955 ।

ଆନ୍ଧ୍ର ଉଚ୍ଚ ନ୍ୟାୟାଳୟର ଆଜ୍ଞାଦେଶ ଆବେଦନ ସଂଖ୍ୟା 342/1954 ରେ ନଭେମ୍ବର 19,1954 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏନ୍. ସି. ଚାଟାର୍ଜୀ, ଏମ୍. ଏସ୍. କେ. ଶାସ୍ତ୍ରୀ* ଏବଂ *ସର୍ଦ୍ଦାର ବାହାଦୂର* ।

ଉତ୍ତରଦାତା ପକ୍ଷରୁ *ପୋରସ୍ ଏ. ମେହେଟ୍ଟା, ଟି. ଭି. ଆର୍. ଟାଟାଚାରୀ* ଏବଂ *ଟି. ଏମ୍. ସେନ୍* ।

1956 ମସିହା ନଭେମ୍ବର 29 । ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଭେଙ୍କଟରାମା ଆୟରଙ୍କ ଦ୍ୱାରା- ଆବେଦନକାରୀଙ୍କୁ 1935 ମସିହାରେ ଜିଲ୍ଲା ମୁନ୍ସିଫ ଭାବରେ ମାଡ୍ରାସ ପ୍ରାଦେଶିକ ନ୍ୟାୟିକ ସେବାରେ ନିଯୁକ୍ତି ଦିଆଯାଇଥିଲା । 1949

1956
ମହମ୍ମଦ ଘୌସ୍
ବନାମ
ଆନ୍ଧ୍ର ରାଜ୍ୟ

ନ୍ୟାୟମୂର୍ତ୍ତି
ଭେଙ୍କଟରାମା ଆୟର

ମସିହାରେ ସେ ଅଧସ୍ତନ ବିଚାରପତି ପଦବୀକୁ ପଦୋନ୍ନତି ପାଇଥିଲେ ଏବଂ 1950 ମସିହା ଜୁନ୍ 19 ତାରିଖରେ ସେ କ୍ରିଷ୍ଣା ଜିଲ୍ଲାର ମସୁଲିପଟ୍ଟନମରେ ଅଧୀନସ୍ଥ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ସେ ଯେଉଁ ମକଦ୍ଦମାଗୁଡ଼ିକର ବିଚାର କରିଥିଲେ, ସେଗୁଡ଼ିକ ମଧ୍ୟରେ O.S.ସଂଖ୍ୟା 95/1946 ଏବଂ O.S.ସଂଖ୍ୟା 24/ 1949 ସାମିଲ ଥିଲା, ଯେଉଁଗୁଡିକ ପରସ୍ପର ସଂଯୋଜିତ ଥିଲା ଏବଂ 1950 ଜୁଲାଇ 27 ତାରିଖରେ ସେଥିରେ ତର୍କଗୁଡିକ ଶୁଣାଯାଇଥିଲା ଏବଂ ରାୟ ସଂରକ୍ଷିତ ରଖାଯାଇଥିଲା । ଅଗଷ୍ଟ 22,1950 ରେ, ରାୟ ବିଚାରଧୀନ ଥିବାବେଳେ, ଲିଙ୍ଗମ୍ ସୀତାରାମ ରାଓ, ଯିଏ ଉଭୟ ମକଦ୍ଦମାରେ ପଞ୍ଚମ ପ୍ରତିବାଦୀ ଥିଲେ, ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାୟର କରିଥିଲେ ଯେ ଆବେଦନକାରୀ ତାଙ୍କ ଭାଇଙ୍କ ମାଧ୍ୟମରେ ପକ୍ଷମାନଙ୍କଠାରୁ ଲାଞ୍ଚ ନେବାକୁ ଚେଷ୍ଟା କରୁଥିବା ହେତୁ ସେଗୁଡିକୁ ଅନ୍ୟ କୌଣସି ଅଦାଲତକୁ ପଠାଯାଉ, ଉଚ୍ଚ ନ୍ୟାୟାଳୟ ସେହି ତାରିଖରେ ରାୟର ପ୍ରଦାନକୁ ସ୍ଥଗିତ ରଖି ଆଦେଶ ପାରିତ କରିଥିଲେ । ଶେଷରେ ଏହି ମକଦ୍ଦମାଗୁଡ଼ିକୁ ଗୁଡିଭାଡର ଅଧସ୍ତନ ବିଚାରପତିଙ୍କ ଅଦାଲତକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଆବେଦନକାରୀଙ୍କୁ ମଧ୍ୟ ସେପ୍ଟେମ୍ବର 16,1950 ରେ ପୂର୍ବ ଗୋଦାବରୀ ଜିଲ୍ଲାର ଅମଲାପୁରମର ଅଧସ୍ତନ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରେ, ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଆବେଦନରେ ଶପଥ ପତ୍ର କରାଯାଇଥିବା ଅଭିଯୋଗ ଉପରେ ଅନୁସନ୍ଧାନ ଆରମ୍ଭ କରିଥିଲେ ଏବଂ ଫଳସ୍ୱରୂପ ତଦନ୍ତଗୁଡିକର ଲିଖିତ ବିବରଣୀ ପ୍ରାପ୍ତ ହୋଇଥିଲା, ଆବେଦନକାରୀଙ୍କ ବିରୋଧରେ ଏପ୍ରିଲ୍ 2,1953 ରେ ନିମ୍ନଲିଖିତ ଅଭିଯୋଗ ପ୍ରସ୍ତୁତ କରାଯାଇଥିଲା:

ଯେ ଆପଣ ଅଗଷ୍ଟ 1950ରେ କିମ୍ବା ସେହି ସମୟରେ ଅତିରିକ୍ତ ଉପବିଚାରପତି, ମସୁଲିପାଟନମ୍ ଥାଇ ଆପଣଙ୍କ ଅଦାଲତର O.S. ସଂଖ୍ୟା 24/49 ଏବଂ 95/46ରେ ପକ୍ଷମାନଙ୍କ ଠାରୁ ଲାଞ୍ଚ ନେବା ଉଦ୍ଦେଶ୍ୟରେ ଆପଣ ଆପଣଙ୍କ ଭାଇ ଏମ୍.ଡି. ରିୟାଜୁଦ୍ଦିନ ଓରଫ ବାଶାଙ୍କ ସହିତ ଏକ ଷଡଯନ୍ତ୍ର କରିଥିଲେ ଏବଂ ଷଡ଼ଯନ୍ତ୍ରର ଅନୁସରଣରେ, ବିଜୟୱାଡାରେ ଶ୍ରୀଯୁକ୍ତ ରିଆଜୁଦ୍ଦିନ୍ 11-8-1950 ଏବଂ 13-8-1950 ମଧ୍ୟରେ ଲିଙ୍ଗମ୍ ସତ୍ୟ ନାରାୟଣ ରାଓ ଏବଂ ତାଙ୍କ ପୁଅ ଲିଙ୍ଗମ୍ ସୀତାରାମ ରାଓ(ଉପରୋକ୍ତ ଉଭୟ ମକଦ୍ଦମାରେ ପଞ୍ଚମ ପ୍ରତିବାଦୀ) ଙ୍କ ଠାରୁ ଲାଞ୍ଚ ନେବାକୁ ଚେଷ୍ଟା କରିଥିଲେ ।

ଆପଣଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର 15 ଦିନ ମଧ୍ୟରେ ଆପଣଙ୍କୁ (i) ଆପଣଙ୍କ ପ୍ରତିରକ୍ଷାର ଏକ ଲିଖିତ ବିବୃତି ଦାଖଲ କରିବାକୁ ଏବଂ ଉପରୋକ୍ତ ଅଭିଯୋଗ ସମ୍ବନ୍ଧରେ

ଆପଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯିବା ଉଚିତ ନୁହେଁ ତାହାର କାରଣ ଦର୍ଶାଇବାକୁ ପଡିବ ।

ଏବଂ (ii) ଆପଣ ମୌଖିକ ତଦନ୍ତ କରିବାକୁ ଚାହୁଁଛନ୍ତି ନା କେବଳ ବ୍ୟକ୍ତିଗତ ଭାବେ ଶୁଣାଣି କରିବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବା ।

ଆବେଦନକାରୀ 22 ଜୁନ୍ 1953 ରେ ଅଭିଯୋଗର ଉତ୍ତରରେ ତାଙ୍କର ଲିଖିତ ବିବୃତି ଦାଖଲ କରିଥିଲେ ।

ଏହି ସମୟରେ, ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ ମଧ୍ୟ ପ୍ରାପ୍ତ କରାଯାଇଥିଲା ଯେ ଆବେଦନକାରୀ ଅମଲାପୁରମ ଉପ ଅଦାଲତରେ ତାଙ୍କ ସରକାରୀ କର୍ତ୍ତବ୍ୟ ନିର୍ବାହ କରିବାରେ ଗୁରୁତର ଅନିୟମିତତା କରିଛନ୍ତି, ଯେପରିକି ସେ ମକଦ୍ଦମାରେ ଏବଂ ଆବେଦନରେ ରାୟ ପ୍ରଦାନ କରିବାରେ ଅଯୌକ୍ତିକ ସମୟ ନେଇ ବିଳମ୍ବ କରିଛନ୍ତି, ଯେ ସେ ଜିଲ୍ଲା ଅଦାଲତକୁ ମିଥ୍ୟା ପରିସଂଖ୍ୟାନ  ପ୍ରଦାନ କରିଛନ୍ତି, ଏବଂ ତାଙ୍କ ତ୍ରୁଟିକୁ ଲୁଚାଇବା ପାଇଁ, ସେ ଅଦାଲତର ନଥିକୁ ପରିବର୍ତ୍ତନ କରିଛନ୍ତି ଯେପରି ତାହା ସେହି ପରିସଂଖ୍ୟାନ ସହ ସୁସଂଗତ ହୋଇପାରିବ । ଏହି ଅନିୟମିତତା ସମ୍ବନ୍ଧରେ 1953 ମସିହା ଜାନୁଆରୀ 15 ତାରିଖରେ ଅଭିଯୋଗ କରାଯାଇଥିଲା ଏବଂ 1953 ମସିହା ମେ 6 ତାରିଖରେ ସେହି ଏକା ପ୍ରସଙ୍ଗରେ ଅନ୍ୟ ଅଭିଯୋଗ କରାଯାଇଥିଲା, ଯେଉଁଥିପାଇଁ ସେ 1953 ମସିହା ଜୁନ୍ 22 ତାରିଖରେ ନିଜର ସ୍ୱଷ୍ଟୀକରଣ ଦାଖଲ କରିଥିଲେ ।

ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି, ନ୍ୟାୟମୂର୍ତ୍ତି ବାଲକ୍ରିଷ୍ଣା ଆୟାରଙ୍କୁ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରିବା ପାଇଁ ପ୍ରତିନିଯୁକ୍ତ କରାଯାଇଥିଲା, ଏବଂ ଏକ ବିସ୍ତୃତ ତଦନ୍ତ କରିବା ପରେ ଯେଉଁଥିରେ ଆବେଦନକାରୀଙ୍କ ସମେତ ଅନେକ ସାକ୍ଷୀଙ୍କୁ ଯାଞ୍ଚ କରାଯାଇଥିଲା, ସେ ଅକ୍ଟୋବର 20,1953 ରେ ଏକ ଲିଖିତ ବିବରଣୀ ପଠାଇଥିଲେ, ଯେଉଁଥିରେ ଦୁର୍ନୀତି ଅଭିଯୋଗ ଜଣାପଡ଼ିଥିଲା, ଏବଂ ସେ ନିମ୍ନଲିଖିତ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ:

"ତେଣୁ, ମୁଁ ଏହି ଅଭିଯୋଗକୁ ପ୍ରମାଣିତ ବୋଲି ମାନୁଛି । ଶ୍ରୀଯୁକ୍ତ ଘୌସଙ୍କୁ କେଉଁ ଦଣ୍ଡ ଦିଆଯିବ ତାହା ତାଙ୍କ କଥା ଶୁଣାଯିବା ପରେ ହିଁ ସ୍ଥିର କରାଯାଇପାରିବ, କିନ୍ତୁ ଏହି ପର୍ଯ୍ୟାୟରେ, ମୁଁ ତାଙ୍କୁ ତାଙ୍କ ଚାକିରିରୁ ବହିଷ୍କାର କରାଯିବା ଉଚିତ ବୋଲି ମତ ପୋଷଣ କରୁଛି ।"

1956
ମହମ୍ମଦ ଘୌସ୍
ବନାମ
ଆନ୍ଧ୍ର ରାଜ୍ୟ
ନ୍ୟାୟମୂର୍ତ୍ତି
ଭେଙ୍କଟରାମା ଆୟର

ଅନିୟମିତତା ଇତ୍ୟାଦି ଅଭିଯୋଗ ସମ୍ବନ୍ଧରେ, ନ୍ୟାୟମୂର୍ତ୍ତି ବାଲକ୍ରିଷ୍ଣା ଆୟାର ନଭେମ୍ବର 10,1953 ରେ ତାଙ୍କ ଲିଖିତ ବିବରଣୀ ଦାଖଲ କରିଥିଲେ, ଯେଉଁଥିରେ ସେ ମଧ୍ୟ ଜାଣିବାକୁ ପାଇଥିଲେ ଯେ ସମସ୍ତ ଅଭିଯୋଗ ଯଥେଷ୍ଟ ସ୍ଥାପିତ ହୋଇଥିଲା, ଏବଂ ସେ ନିମ୍ନମତେ ଉପସଂହାରରେ ଉପନୀତ ହୋଇଥିଲେ:

"ଫଳସ୍ୱରୂପ, ମୁଁ ଶ୍ରୀଯୁକ୍ତ ଘୌସଙ୍କୁ ପୂର୍ବରୁ ସୂଚିତ ହୋଇଥିବା ସୀମା ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଅଭିଯୋଗ ପାଇଁ ଦୋଷୀ ମନେ କରୁଛି ।

ଶ୍ରୀଯୁକ୍ତ ଘୌସଙ୍କ ବିରୁଦ୍ଧରେ ଅନ୍ୟ ଏକ ଅଭିଯୋଗ ସମ୍ପର୍କରେ, ଯାହା ବିଷୟରେ ମୁଁ ଅନୁସନ୍ଧାନ କରିଥିଲି, ମୁଁ ମତ ପ୍ରକାଶ କରୁଛି ଯେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯିବା ଉଚିତ । ଏହାକୁ ଦୃଷ୍ଟିରେ ରଖି ଏହି ଅଭିଯୋଗ ସମ୍ବନ୍ଧରେ ଦଣ୍ଡ ପାଇଁ କୌଣସି ସୁପାରିଶର ଆବଶ୍ୟକତା ନାହିଁ । ତେବେ, କେତେକ ପର୍ଯ୍ୟବେକ୍ଷଣ ଆଦେଶ ବାହାରେ ନଥାଇପାରେ । ଜଣେ ନ୍ୟାୟିକ ଅଧିକାରୀ ଯିଏ ବିଶେଷ କିମ୍ବା ଗୁରୁତ୍ୱ ହ୍ରାସକାରୀ ପରିସ୍ଥିତିର ଅନୁପସ୍ଥିତିରେ ରାୟରେ ବିଳମ୍ବ କରନ୍ତି,ସେ ନିଜ ଅକ୍ଷମତାର ପ୍ରମାଣ ଉପଲବ୍ଧ କରନ୍ତି । କିନ୍ତୁ ଜଣେ ନ୍ୟାୟିକ ଅଧିକାରୀ ଯିଏ ବ୍ୟବସ୍ଥିତ ଭାବରେ ମିଥ୍ୟା ପରିସଂଖ୍ୟାନ ପଠାଉଛନ୍ତି ସେ ନୈତିକଭ୍ରଷ୍ଟତା ପାଇଁ ଦୋଷୀ । ଯଦି ଏହା ବ୍ୟତୀତ ସେ ତାଙ୍କ କାର୍ଯ୍ୟାଳୟର ସଦସ୍ୟମାନଙ୍କୁ ଅଦାଲତର ନଥିରେ ମିଥ୍ୟା ଲିଖିତ କରିବାକୁ ନିର୍ଦ୍ଦେଶ ଦିଅନ୍ତି, ତେବେ ସେ ଆହୁରି ଅଧିକ ନିନ୍ଦନୀୟ ଆଚରଣ ପାଇଁ ଦୋଷୀ ହେବେ । ଏଭଳି ବ୍ୟକ୍ତିମାନଙ୍କୁ ସେବାରେ ରଖିବାକୁ କେହି ଚାହିଁବେ ନାହିଁ ।

ଏହି ବିବୃତିଗୁଡିକ ଜାନୁଆରୀ 25,1954 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଏକ ବୈଠକରେ ବିଚାର କରାଯାଇଥିଲା ଏବଂ ସେମାନେ ନିଷ୍ପତ୍ତି ନେଇଥିଲେ ଯେ "ଦୁଇଟି ଶୀର୍ଷ ସମ୍ବନ୍ଧରେ ଅଧିକାରୀଙ୍କୁ ଦିଆଯାଇଥିବା ଉପଯୁକ୍ତ ଦଣ୍ଡ ହେଉଛି (1) ପ୍ରଥମ ଅଭିଯୋଗରେ ଲାଞ୍ଚ, ଚାକିରିରୁ ବରଖାସ୍ତ ସମ୍ବନ୍ଧରେ ଏବଂ (2) ଦ୍ୱିତୀୟ ଅଭିଯୋଗରେ ବିଭିନ୍ନ ଦୋଷ ସମ୍ବନ୍ଧରେ, ଯେପରିକି ରାୟରେ ବିଳମ୍ବ ଇତ୍ୟାଦି, ଚାକିରିରୁ ଅପସାରଣ ।" ତା'ପରେ ସେମାନେ ଜାନୁଆରୀ 28,1954 ରେ ଏକ ଆଦେଶ ପାରିତ କରିଥିଲେ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିଲମ୍ବନରେ ରଖିଥିଲେ, ଏବଂ ତାହା ଜାନୁଆରୀ 30,1954 ରେ ତାଙ୍କୁ ଅବଗତ କରାଯାଇଥିଲା ।

ଏପ୍ରିଲ୍ 28,1954 ରେ, ଆବେଦନକାରୀ ମାଡ୍ରାସ ଉଚ୍ଚନ୍ୟାୟାଳୟରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆବେଦନ ଦାୟର କରିଥିଲେ, ଯେ ଏକ ଆଜ୍ଞାଦେଶ ପାଇଁ

*1956*

*ମହମ୍ମଦ ଘୌସ୍*
*ବନାମ*
*ଆନ୍ଧ୍ର ରାଜ୍ୟ*

*ନ୍ୟାୟମୂର୍ତ୍ତି*
*ଭେଙ୍କଟରାମା ଆୟର*

ଜାନୁଆରୀ 28,1954ରେ ନିଲମ୍ବନ ଆଦେଶ ରଦ୍ଦ କରିବା ପାଇଁ, ପ୍ରଥମତଃ, ଆନ୍ଧ୍ର ନାଗରିକ ସେବା(ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମାବଳୀ, 1953 ଅନୁଯାୟୀ, ଯାହା ଅକ୍ଟୋବର 22,1953 ରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା, ଯାହା ଅକ୍ଟୋବର 1,1953 ରୁ କାର୍ଯ୍ୟକାରୀ ହୋଇଥିଲା, ସରକାରୀ କର୍ମଚାରୀ ଯାହାଙ୍କ ମାସିକ ଦରମା 150 ଟଙ୍କା ଏବଂ ତଦୁର୍ଦ୍ଧ୍ୱ, ତାଙ୍କ ଆଚରଣ ଉପରେ ସରକାରଙ୍କ ଦ୍ୱାରା ଉଲ୍ଲେଖିତ ନ୍ୟାୟାଧିକରଣ ତଦନ୍ତ କରିପାରିବ ।  ଏବଂ ତେଣୁ, 1 ଅକ୍ଟୋବର 1953 ମସିହା ପରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର କାର୍ଯ୍ୟାନୁଷ୍ଠାନ, ଯାହା ଜାନୁଆରୀ 28,1954 ରେ ନିଲମ୍ବନ ଆଦେଶରେ ସମାପ୍ତ ହୋଇଥିଲା, ତାହା କ୍ଷେତ୍ରାଧିକାର ବାହାରେ ଥିଲା, ଏବଂ ଦ୍ୱିତୀୟରେ, ପ୍ରଶ୍ନରେ ଥିବା ଆଦେଶ ଅସିଦ୍ଧ ଥିଲା, ଯେହେତୁ ଏହା ସମ୍ବିଧାନର ଅନୁଚ୍ଛେଦ 311 ର ଉଲ୍ଲଙ୍ଘଂନ କରୁଥିଲା । ଏହା ଉଲ୍ଲେଖ କରିବାକୁ ହେବ ଯେ ଆନ୍ଧ୍ର ରାଜ୍ୟ ଅକ୍ଟୋବର 1,1953 ରେ ଅସ୍ତିତ୍ୱରେ ଆସିଥିଲା, କିନ୍ତୁ ଜୁଲାଇ, 1954 ମସିହା ଯେତେବେଳେ ଯାଏ ଏଥିପାଇଁ ଏକ ପୃଥକ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇନାହିଁ, ସେ ପର୍ଯ୍ୟନ୍ତ ମାଡ୍ରାସ ଉଚ୍ଚନ୍ୟାୟାଳୟ ଆନ୍ଧ୍ର ରାଜ୍ୟ ଉପରେ କ୍ଷେତ୍ରାଧିକାର ଜାରି ରଖିଥିଲା ।  ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ଆଜ୍ଞାଦେଶ ଆବେଦନ ଆନ୍ଧ୍ର ଉଚ୍ଚନ୍ୟାୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

ଶୁଣାଣି ସମୟରେ, ଆବେଦନକାରୀଙ୍କ ଦ୍ୱାରା କେବଳ ଏହି ଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇପାରିବ ଯେ ଆନ୍ଧ୍ର ନାଗରିକ ସେବା(ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମ, 1953 ଅକ୍ଟୋବର 1, 1953 ରେ କାର୍ଯ୍ୟକାରୀ ହେବା କାରଣରୁ, ଏହା କେବଳ ସେହି ନିୟମର ନିୟମ 4 (1) (a) ରେ ପ୍ରଦାନ କରାଯାଇଥିବା ଏକ ନ୍ୟାୟାଧିକରଣ ଥିଲା ଯାହା ଅଭିଯୋଗର ତଦନ୍ତ କରିପାରିବ ଏବଂ ଏହା ପରବର୍ତ୍ତୀ ମାଡ୍ରାସ ଉଚ୍ଚନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନଗୁଡ଼ିକ କ୍ଷେତ୍ରାଧିକାରିତାର ବାହାରେ ଥିଲା । ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି, ବିଜ୍ଞ ବିଚାରପତିମାନେ ମତବ୍ୟକ୍ତ କରିଥିଲେ ଯେ ଯଦିଓ ଆନ୍ଧ୍ର ନାଗରିକ ସେବାର ନିୟମାବଳୀର ନିୟମ 4, 1948ର ମାଡ୍ରାସ୍ ନାଗରିକ ସେବା ନିୟମ, ଅନୁରୂପ ନିୟମଠାରୁ କିଛି ଦୃଷ୍ଟିରୁ ଭିନ୍ନ, ତଥାପି ପାର୍ଥକ୍ୟଗୁଡ଼ିକ ଏକ ଯୋଗ୍ୟତାବିହୀନ ସ୍ୱଭାବର ଥିଲା, ମାଡ୍ରାସ ନିୟମାବଳୀରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ଉଦ୍ଦେଶ୍ୟମୂଳକ ଉଦ୍ଦେଶ୍ୟ ଅପେକ୍ଷା ଏହା ଏକ ଅନଭିଜ୍ଞ  ଖସଡା ଯୋଗୁଁ ଅଧିକ ଥିଲା । ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ପ୍ରଶ୍ନରେ ଥିବା ଏହି ନିୟମ ଜଣେ ଅଧୀନସ୍ଥ ନ୍ୟାୟିକ ଅଧିକାରିତାଙ୍କ ଆଚରଣର ତଦନ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ପ୍ରଭାବିତ କରିବାର ଉଦ୍ଦେଶ୍ୟ ଥିଲା, ତେବେ ଏହା ସମ୍ବିଧାନର ଅନୁଚ୍ଛେଦ 227 ଏବଂ 235 କୁ ଉଲ୍ଲଂଘନ କରିବ, ଯାହା ରାଜ୍ୟର ସମସ୍ତ ଅଦାଲତର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନକୁ  ଉଚ୍ଚ ନ୍ୟାୟାଳୟକୁ ନ୍ୟସ୍ତ

*1956*

*ମହମ୍ମଦ ଘୌସ୍*
*ବନାମ*
*ଆନ୍ଧ୍ର ରାଜ୍ୟ*

*ନ୍ୟାୟମୂର୍ତ୍ତି*
*ଭେଙ୍କଟରାମା ଆୟର*

କରିଥିଲା । ଫଳସ୍ୱରୂପ, ସେମାନେ ଆବେଦନକୁ ଖାରଜ କରିଦେଇଥିଲେ । ବର୍ତ୍ତମାନ ଏହି ମାମଲା ଆବେଦନରେ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ନ୍ୟାୟାଳୟର ସମ୍ମୁଖକୁ ଆସୁଛି ।

ଆମ ସମ୍ମୁଖରେ, ଆବେଦନକାରୀ ଅନୁଚ୍ଛେଦ 226 ଅନୁଯାୟୀ ତାଙ୍କ ଆବେଦନରେ ଉଠାଯାଇଥିବା ଉଭୟ ଆଧାର ଉପରେ ଦାବି କରିଥିଲେ । ଅକ୍ଟୋବର 1,1953 ରୁ ଆନ୍ଧ୍ର ନାଗରିକ ସେବା ନିୟମାବଳୀ ଲାଗୁ ହେବା ପରେ ଉଚ୍ଚନ୍ୟାୟାଳୟର ଏହି ମାମଲାର ବିଚାର କରିବାର ଅଧିକାର ସାମୟିକଭାବେ ବନ୍ଦ ହେଲା କି ନାହିଁ, ଏହି ପ୍ରଶ୍ନ ଉପରେ ପ୍ରଥମ ପ୍ରାସଙ୍ଗିକ ନିୟମକୁ ଦୃଷ୍ଟି ଦେବା ଆବଶ୍ୟକ । ମାଡ୍ରାସ ନାଗରିକ ସେବା(ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମାବଳୀ, 1948 ର ନିୟମ 4, ଯାହା ଆବେଦନକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ ହେବା ସମୟରେ ପ୍ରଚଳିତ ନିୟମ ଥିଲା, ନିମ୍ନରେ ପ୍ରଦତ୍ତ ହେଲା:

4. "ସରକାର ନିୟମ 5 ର ବ୍ୟବସ୍ଥାର ବଶବର୍ତ୍ତୀ ରହି ନ୍ୟାୟାଧିକରଣକୁ ନିମ୍ନଲିଖିତ ବିଷୟରେ ଜଣାଇପାରିବେ:-

(a) ମାସିକ 150 ଟଙ୍କା ଓ ତଦୁର୍ଦ୍ଧ୍ୱ ଦରମା ପାଉଥିବା ସରକାରୀ କର୍ମଚାରୀଙ୍କ ସମ୍ବନ୍ଧୀୟ ମାମଲା, ସରକାରୀ କର୍ତ୍ତବ୍ୟଗୁଡିକୁ ସମ୍ପାଦନ କରିବା ସମୟରେ ଏପରି ସରକାରୀ କର୍ମଚାରୀଙ୍କ ଦୁର୍ନୀତି ସମ୍ବନ୍ଧୀୟ ମାମଲାରେ ।

(b) ଦୁର୍ନୀତି ଅଭିଯୋଗରେ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଶୃଙ୍ଖଳାଗତ ଆଦେଶ ବିରୁଦ୍ଧରେ ସରକାରୀ କର୍ମଚାରୀଙ୍କ ତରଫରୁ ସରକାରଙ୍କୁ ସମସ୍ତ ଆବେଦନ ଏବଂ

(c) ସରକାର ବିଚାର କରୁଥିବା ଅନ୍ୟ କୌଣସି ମାମଲା କିମ୍ବା ବର୍ଗଭୁକ୍ତ ମାମଲାଗୁଡିକର ନ୍ୟାୟାଧିକରଣ ଦ୍ୱାରା ବିଚାର କରାଯିବା ଉଚିତ ।

ପରନ୍ତୁ ନ୍ୟାୟିକ ବିଭାଗରେ ଏବଂ ପୁଲିସ ବାହିନୀର ଉପ ନିରୀକ୍ଷକ ଓ ତା 'ଠାରୁ ନିମ୍ନ ପାହ୍ୟାର ପୋଲିସ୍ ବାହିନୀର ଅଧସ୍ତନ ପାହ୍ୟାର ସରକାରୀ କର୍ମଚାରୀଙ୍କ ବିରୋଧରେ ଉପୁଜିଥିବା ମାମଲାଗୁଡ଼ିକୁ ନ୍ୟାୟାଧିକରଣକୁ ପଠାଯିବ ନାହିଁ ।

*1956*
*ମହମ୍ମଦ ଘୌସ୍*
*ବନାମ*
*ଆନ୍ଧ୍ର ରାଜ୍ୟ*
*ନ୍ୟାୟମୂର୍ତ୍ତି*
*ଭେଙ୍କଟରାମା ଆୟର*

ଆନ୍ଧ୍ର ନାଗରିକ ସେବା(ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ୍ୟାୟାଧିକରଣ) ନିୟମାବଳୀ, 1953ର ଅନୁରୂପ ନିୟମ, ଯାହା ଅକ୍ଟୋବର 1,1953 ରୁ କାର୍ଯ୍ୟକାରୀ ହୋଇଥିଲା, ତାହା ନିମ୍ନରେ ଦିଆଗଲା:

4 (1) "ନିୟମ 5 ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସରକାର ନିମ୍ନଲିଖିତ ମାମଲା ଗୁଡିକୁ ନ୍ୟାୟାଧିକରଣକୁ ପଠାଇବେ, ଯଥା:-

(a) ମାସିକ 150 ଟଙ୍କା ଓ ତଦୁର୍ଦ୍ଧ୍ୱ ଦରମା ପାଉଥିବା ସରକାରୀ କର୍ମଚାରୀଙ୍କ ସମ୍ବନ୍ଧୀୟ ମାମଲାରେ ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦୁର୍ନୀତି ଓ

(b) ଦୁର୍ନୀତି ଅଭିଯୋଗ ଉପରେ ପାରିତ ଆଦେଶ ବିରୁଦ୍ଧରେ ସରକାରଙ୍କୁ ସମସ୍ତ ଅପିଲ କିମ୍ବା ଆବେଦନ ଏବଂ ସମସ୍ତ ଶୃଙ୍ଖଳାଗତ ମାମଲା ଯେଉଁଥିରେ ସରକାର ଏହିପରି ଅଭିଯୋଗ ଉପରେ ପାରିତ ମୂଳ ଆଦେଶକୁ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଛନ୍ତି:

ଉଲ୍ଲେଖ ଥିଲା ଯେ, ନ୍ୟାୟାଧିକରଣକୁ ପରାମର୍ଶ କରିବାର ଆବଶ୍ୟକତା ପଡ଼ିବ ନାହିଁ:

(i) ଯେଉଁ କ୍ଷେତ୍ରରେ ନ୍ୟାୟାଧିକାରଣ, କୌଣସି ପୂର୍ବ ପର୍ଯ୍ୟାୟରେ, ପାରିତ ହେବାକୁ ଥିବା ଆଦେଶ ସମ୍ବନ୍ଧରେ ପରାମର୍ଶ ଦେଇଛନ୍ତି ଏବଂ ଏହା ପରେ ନିଷ୍ପତି ପାଇଁ କୌଣସି ନୂତନ ପ୍ରଶ୍ନ ଉଠି ନାହିଁ; କିମ୍ବା

(ii) ଯେଉଁଠାରେ ସରକାର ଏପରି ଅପିଲ କିମ୍ବା ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆଦେଶ ପାରିତ କରିବାକୁ ପ୍ରସ୍ତାବ ଦିଅନ୍ତି ।

(2) ସରକାର, ନିୟମ 5 ର ବ୍ୟବସ୍ଥାର ବଶବର୍ତ୍ତୀ ହୋଇ, ନ୍ୟାୟାଧିକରଣକୁ ଅନ୍ୟ କୌଣସି ମାମଲା କିମ୍ବା ବର୍ଗୀୟ ମାମଲା ମଧ୍ୟ ପଠାଇପାରିବେ, ଯାହା ନ୍ୟାୟାଧିକରଣ ଦ୍ୱାରା ପରିଚାଳନା କରାଯିବା ଉଚିତ ବୋଲି ସେମାନେ ବିବେଚନା କରନ୍ତି:

ଉଲ୍ଲେଖ ଅଛି କି, ନିମ୍ନଲିଖିତ ମାମଲାଗୁଡ଼ିକ ନ୍ୟାୟାଧିକରଣକୁ ପଠାଯିବ ନାହିଁ, ଯଥା-

(i) ନ୍ୟାୟିକ ବିଭାଗରେ ଉପୁଜିଥିବା ମାମଲାଗୁଡିକ;

*1956*
*ମହମ୍ମଦ ଘୌସ୍*
*ବନାମ*
*ଆନ୍ଧ୍ର ରାଜ୍ୟ*

*ନ୍ୟାୟମୂର୍ତ୍ତି*
*ଭେଙ୍କଟରାମା ଆୟର*

(ii) ଉପ ନିରୀକ୍ଷକ ଏବଂ ତା 'ଠାରୁ ନିମ୍ନ ପାହ୍ୟାର ପୋଲିସ୍ ବାହିନୀର ଅଧସ୍ତନ ପାହ୍ୟାର ସରକାରୀ କର୍ମଚାରୀଙ୍କ ବିରୋଧରେ ଉପୁଜିଥିବା ମାମଲାଗୁଡିକ, ଯଦି ସେମାନଙ୍କ ବିରୋଧରେ ମାମଲା ଉଚ୍ଚ ପାହ୍ୟାର ଅଧିକାରୀମାନଙ୍କ ସହିତ ନଥାଏ ।

ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ମାଡ୍ରାସ ନାଗରିକ ସେବା ନିୟମାବଳୀରେ ଥିବା ନିୟମ 4 ଅନୁଯାୟୀ ଅଧୀନସ୍ଥ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ତଦନ୍ତ ପାଇଁ ନ୍ୟାୟାଧିକରଣକୁ ପଠାଯାଇପାରିବ ନାହିଁ, କିନ୍ତୁ ଆନ୍ଧ୍ର ନାଗରିକ ସେବା ନିୟମାବଳୀରେ ଥିବା ନିୟମ 4 (1) (a) ଅନୁଯାୟୀ ମାସିକ 150 ଟଙ୍କା କିମ୍ବା ଅଧିକ ଦରମା ପାଉଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ମାମଲା ନ୍ୟାୟାଧିକରଣକୁ ପଠାଇବା ସରକାରଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଆବେଦନକାରୀଙ୍କ ମତରେ, ଏହି ପରିବର୍ତ୍ତନର ପରିଣାମ ସ୍ୱରୂପ ଅକ୍ଟୋବର 1,1953 ପରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା କରାଯାଇଥିବା ତଦନ୍ତ ଏବଂ ଏହା ପରେ ଦିଆଯାଇଥିବା ସମସ୍ତ ଆଦେଶ ତ୍ରୁଟିଯୁକ୍ତ ଥିଲା ଏବଂ ନିୟମ 4 (1)( a) ଅନୁଯାୟୀ ନ୍ୟାୟାଧିକରଣ ଦ୍ୱାରା ତାଙ୍କ ମାମଲାକୁ ବିଚାର ଓ ନିର୍ଣ୍ଣୟ କରିବାର ତାଙ୍କର ଅଧିକାର ଥିଲା । ଆନ୍ଧ୍ର ନାଗରିକ ସେବା ନିୟମର ନିୟମ 4 ର ଶେଷ ପ୍ରବଧାନ ଉଭୟ ଉପନିୟମ (1) ଏବଂ (2) କିମ୍ବା କେବଳ ଉପନିୟମ (2) କୁ ଯୋଗ୍ୟ କରେ କି ନାହିଁ ସେ ବିଷୟରେ ଆମ ସମ୍ମୁଖରେ କିଛି ତର୍କ ରହିଛି । ଯଦିଓ ଗୋଟିଏ ପଟେ ଆବେଦନକାରୀଙ୍କ ଯୁକ୍ତିରେ ଦୃଢତା ରହିଛି ଯେ, ଏହାର ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି, ଏହି ପ୍ରାବଧାନକୁ ଅଧିକ ଉପଯୁକ୍ତ ଭାବେ ଯୋଗ୍ୟ ଉପ-ନିୟମ(2) ଭାବରେ ପଢ଼ାଯିବା ଉଚିତ, ଆମେ ଉଚ୍ଚନ୍ୟାୟାଳୟର ମାନ୍ୟବର ବିଚାରପତିଙ୍କ ସହ ସହମତ ହେବା ପାଇଁ ଇଚ୍ଛୁକ ଯେ, ସମ୍ପୂର୍ଣ୍ଣ ଭାବରେ ପଢ଼ିଲେ, ଏହି ନିୟମ ମାଡ୍ରାସ ନାଗରିକ ସେବା ନିୟମାବଳୀରେ ପ୍ରଦତ୍ତ ପ୍ରକ୍ରିୟାରୁ ବିଚ୍ୟୁତ ହେବାର ଉଦ୍ଦେଶ୍ୟ ଦର୍ଶାଏ ନାହିଁ । ତେବେ ଏହି ପ୍ରସଙ୍ଗଟି ବ୍ୟବହାରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ, କାରଣ ଉକ୍ତ ନିୟମକୁ ପରବର୍ତ୍ତୀ ସମୟରେ G.O.ସଂଖ୍ୟା 938 ଦ୍ୱାରା ଏପ୍ରିଲ 11, 1955ରେସଂଶୋଧନ କରାଯାଇଛି, ଏବଂ ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଏହି ସଂଶୋଧନ 1 ଅକ୍ଟୋବର, 1953ରେ ରେ କାର୍ଯ୍ୟକାରୀ ହୋଇଥିବା ବିବେଚନା କରାଯିବ । ଏହି ସଂଶୋଧନଟି ନିମ୍ନରେ ଦିଆଗଲା:

"ଉପରୋକ୍ତ ନିୟମାବଳୀର ନିୟମ 4 ରେ, ଉପ-ନିୟମ (2) ପରେ ଉପସ୍ଥିତ ଥିବା ପ୍ରାବଧାନକୁ ବାଦ୍ ଦିଆଯିବ ଏବଂ ଏହା ବଦଳରେ, ନିମ୍ନଲିଖିତ ଉପ-ନିୟମ ଅନ୍ତର୍ଭୁକ୍ତ କରାଯିବ, ଯଥା:-

(3) ଉପନିୟମ (1) କିମ୍ବା ଉପନିୟମ (2) ରେ ଯାହା କିଛି ଥିବା ସତ୍ତ୍ୱେ, ନିମ୍ନଲିଖିତ ମାମଲା ନ୍ୟାୟାଧିକରଣକୁ ପଠାଯିବ ନାହିଁ, ଯଥା:

(i) ନ୍ୟାୟିକ ବିଭାଗରେ ଉପୁଜିଥିବା ମାମଲା; ଏବଂ

(ii) ଉପ-ନିରୀକ୍ଷକ ଏବଂ ତା 'ଠାରୁ ନିମ୍ନ ପାହ୍ୟାର ପୋଲିସ୍ ବାହିନୀର ଅଧସ୍ତନ ପାହ୍ୟାର ସରକାରୀ କର୍ମଚାରୀଙ୍କ ବିରୋଧରେ ମାମଲା, ଯଦି ସେମାନଙ୍କ ବିରୋଧରେ ମାମଲା ଉଚ୍ଚ ପାହ୍ୟାର ଅଧିକାରୀମାନଙ୍କ ସହିତ ନଥାଏ ।"

ଏହି ସଂଶୋଧନ ସ୍ପଷ୍ଟ ଭାବେ ପିଛିଲା ସ୍ୱଭାବର ହୋଇଥିବାରୁ, ଆବେଦନକାରୀର ଆବେଦନକୁ ଭିତ୍ତି କରି ଦିଆଯାଇଥିବା ମୁଖ୍ୟ ଆପତ୍ତି ଆଉ ଗ୍ରହଣୀୟ ନୁହେଁ । ଏହି ନିଷ୍କର୍ଷକୁ ଦୃଷ୍ଟିରେ ରଖି, ଆନ୍ଧ୍ର ନାଗରିକ ସେବାର ନିୟମାବଳୀର ନିୟମ 4 କୁ ବିଧିମାନ୍ୟ ଭାବରେ ଅନୁସନ୍ଧାନରେ ପୂର୍ବରୁ ଲାଗୁ କରାଯାଇପାରିବ ନାହିଁ ବୋଲି ଉତ୍ତରଦାତାଙ୍କ ଯୁକ୍ତିକୁ ତଦନ୍ତ କରିବା ଅନାବଶ୍ୟକ ।

ଏହା ପରେ ଆବେଦନକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଗଲା ଯେ, ତାଙ୍କୁ ନିଯୁକ୍ତି ଦେଇଥିବା ପ୍ରାଧିକରଣ ପ୍ରଦେଶର ରାଜ୍ୟପାଳ ହୋଇଥିବାରୁ କେବଳ ସେହି ପ୍ରାଧିକରଣ ହିଁ ତାଙ୍କୁ ଚାକିରିରୁ  ବରଖାସ୍ତ କିମ୍ବା ଅପସାରଣ କରିପାରିବ ଏବଂ ଜାନୁଆରୀ 28,1954 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ନିଲମ୍ବନ ଆଦେଶ ସମ୍ବିଧାନର ଅନୁଚ୍ଛେଦ 311 ର ଉଲ୍ଲଂଘନ କରୁଛି ଏବଂ ଫଳସ୍ୱରୂପ ଏହା ତ୍ରୁଟିଯୁକ୍ତ । ଏହି ଯୁକ୍ତିକୁ ଉଚ୍ଚନ୍ୟାୟାଳୟରେ ଗୁରୁତ୍ୱ ଦିଆଯାଇନଥିବା ପରି ମନେହୁଏ ଏବଂ ଏହା ଭିତ୍ତିହୀନ ମଧ୍ୟ । ବିଚାରପତି ବାଳକୃଷ୍ଣ ଆୟାର ଆବେଦନକାରୀଙ୍କ ବିରୁଦ୍ଧରେ ଥିବା ଅଭିଯୋଗର ତଦନ୍ତର ଲିଖିତ ବିବରଣୀ ପଠାଇଛନ୍ତି ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କିମ୍ବା ଅପସାରଣ କରାଯିବା ଉଚିତ ବୋଲି ମତ ରଖିଛନ୍ତି । ଉଚ୍ଚ ନ୍ୟାୟାଳୟ ଏହାକୁ ଅନୁମୋଦନ କଲେ ଏବଂ ଜାନୁଆରୀ 28, 1954 ମସିହାରେ ଏକ ଆଦେଶ ପାରିତ କଲେ ଯେ ତାଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନିଲମ୍ବିତ କରାଯିବ । ଏହାପରେ ଏହି ଲିଖିତ ବିବରଣୀକୁ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ପଠାଯାଇଥିଲା ଏବଂ ବାସ୍ତବରେ, ଆନ୍ଧ୍ର ସରକାର ଆବେଦନକାରୀଙ୍କୁ ଅଗଷ୍ଟ 12,1954 ରେ ଏକ ବିଜ୍ଞପ୍ତି ଜାରି କରିଥିଲେ ଯେ, ତାଙ୍କୁ କାହିଁକି ଚାକିରିରୁ ବରଖାସ୍ତ କିମ୍ବା ଅପସାରଣ କରାଯିବା ଉଚିତ ନୁହେଁ । ଏହିପରି ଭାବେ, ଏହା ହେଉଛି ଅନୁଚ୍ଛେଦ 311 ଅନୁଯାୟୀ ଉପଯୁକ୍ତ କର୍ତ୍ତୃପକ୍ଷ ଯିଏ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦିଅନ୍ତି, ଏବଂ ଏହି କର୍ତ୍ତୃପକ୍ଷଙ୍କ ଏହି ମାମଲାରେ ଚୂଡ଼ାନ୍ତ ଆଦେଶ ଜାରି

*1956*

କରିବାର ଦାୟିତ୍ୱ ରହିଛି । ଜାନୁଆରୀ 28,1954 ରେ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ, ସରକାରଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ବିଚାରାଧୀନ ଥିବା ନିଲମ୍ବନ ମଧ୍ୟରୁ କେବଳ ଗୋଟିଏ ଏବଂ ଏପରି ଆଦେଶ ସମ୍ବିଧାନର ଅନୁଚ୍ଛେଦ 311 ଅନ୍ତର୍ଗତ କୌଣସି ପଦବୀରୁ ବହିଷ୍କାର କିମ୍ବା ଅପସାରଣ କରିବା ଆଦେଶ ନୁହେଁ । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ସରକାରଙ୍କ ଚୂଡ଼ାନ୍ତ ଆଦେଶକୁ ଅପେକ୍ଷା କରି ଜଣେ ନ୍ୟାୟିକ ଅଧିକାରୀଙ୍କୁ ନିଲମ୍ବିତ କରିବା ଲାଗି ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ନିୟମ ଅନୁଯାୟୀ କୌଣସି କ୍ଷମତା ନାହିଁ । କିନ୍ତୁ ମାଡ୍ରାସ ନାଗରିକ ସେବା(ବର୍ଗୀକରଣ, ନିୟନ୍ତ୍ରଣ ଏବଂ ଆବେଦନ) ନିୟମାବଳୀର ନିୟମ 13 ଅନୁଯାୟୀ ଗଠିତ ମାଡ୍ରାସ ଉଚ୍ଚନ୍ୟାୟାଳୟର ନ୍ୟାୟପାଳିକାକୁ ରାଜ୍ୟ ନ୍ୟାୟିକ ସେବାର ସଦସ୍ୟଙ୍କ ବିରୁଦ୍ଧରେ ନିୟମ 17(e) ଅନୁଯାୟୀ ଗୁରୁତର ଅଭିଯୋଗର ତଦନ୍ତର ବିଚାରାଧୀନ ଅବସ୍ଥାରେ ନିଲମ୍ବନ ଲାଗୁ କରିବାର କ୍ଷମତା ଦିଆଯାଇଛି । ତେଣୁ ଏହି ଆଦେଶ ଏହି ନିୟମ ଅଧୀନରେ ଆସୁଛି ଏବଂ ଏହା ସମ୍ପୂର୍ଣ୍ଣ ରୂପେ *କ୍ଷମତାଭୁକ୍ତ*।

ଆବେଦନକାରୀଙ୍କ ପକ୍ଷରୁ ଶେଷରେ ଏହା ଯୁକ୍ତି କରାଯାଇଥିଲା ଯେ ଯଦିଓ ଉଚ୍ଚନ୍ୟାୟାଳୟ ଜଣେ ବିଚାରପତିଙ୍କ ଆଚରଣର ପ୍ରାଥମିକ ତଦନ୍ତ କରିପାରନ୍ତି, ତଥାପି ଏହି ମାମଲାରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ତାଙ୍କର ଅଧିକାର ନାହିଁ, ନ୍ୟାୟମୂର୍ତ୍ତି ବାଳକୃଷ୍ଣ ଆୟାରଙ୍କ ଦ୍ୱାରା ଦିଆଯାଇଥିବା ଅନୁସନ୍ଧାନର ସିଦ୍ଧାନ୍ତକୁ ଆବେଦନକାରୀଙ୍କ ବିରୋଧରେ ପ୍ରଶ୍ନର ସମାପ୍ତି ପାଇଁ ଧରାଯିବା ଉଚିତ ନୁହେଁ ଏବଂ ସରକାର ଏକ ନୂତନ ତଦନ୍ତ କରିବା ଏବଂ ଅଭିଯୋଗଗୁଡିକ ଯଥାର୍ଥ କି ନୁହେଁ ତାହା ନିଜେ ନିଷ୍ପତ୍ତି ନେବା ପାଇଁ ବାଧ୍ୟ । ଏପରି କୌଣସି ପ୍ରଶ୍ନ ଆବେଦନରେ କିମ୍ବା ଉଚ୍ଚନ୍ୟାୟାଳୟରେ ଉଠାଯାଇନାହିଁ, ତେଣୁ ଆମେ ଏହାକୁ ଗ୍ରହଣ କରିବାକୁ ମନା କରିବା ଉଚିତ ।

ଫଳସ୍ୱରୂପ, ଆବେଦନଟି ବ୍ୟୟ ସହିତ ଖାରଜ କରାଗଲା ।

*ଆବେଦନକୁ ଖାରଜ କରାଗଲା।*

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :

ସୁମିତ୍ରା ସାହୁ, ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।